# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

ସଂଲଗ୍ନ-୧

## ଠିକା ପ୍ରସ୍ତାବ ଆହ୍ୱାନ

**ବିଜ୍ଞପ୍ତି ସଂଖ୍ୟା - ୩୧୪/ସି.ଡି.ଭି.ଓ.(ବ)        ତାରିଖ - ୧୫.୦୨.୨୦୨୧**

ଏତଦ୍ ଦ୍ୱାରା ବରଗଡ଼ ଜିଲ୍ଲାର ସମସ୍ତ ସିକୃତି ପ୍ରାପ୍ତ ଟ୍ରାଭେଲ ସଂସ୍ଥା କିମ୍ବା ଇଚ୍ଛୁକ ଗାଡି ମାଲିକଙ୍କ ଠାରୁ ଜଉମୁଦ ଦିଆ ଠିକା ପ୍ରସ୍ତାବ ଆହ୍ୱାନ ୧୨ ଗୋଟି ବ୍ଲକରେ (ଅମ୍ବାଭୋନା, ଅତାବିରା, ବରଗଡ, ବରପାଲି, ଭଟଲି, ଭେଡେନ, ବିଜେପୁର, ଗାଇସିଲାଟ, ଝାରବନ୍ଧ, ପଦ୍ମପୁର, ପାଇକମାଲ ଓ ସୋହେଲା) ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ପାଇଁ ମାସିକିଆ ଭଡାରେ ୧୨ ଗୋଟି ଗାଡି (ଶୀତତାପ ନିୟନ୍ତ୍ରଣ ବିହୀନ/ ଶୀତତାପ ନିୟନ୍ତ୍ରିତ ଡିଜେଲ ଚାଳିତ), ଯାହାର ବ୍ୟକ୍ତି ବସିବା କ୍ଷମତା ସାଧାରଣ ଭାବେ ଚାଳକ ସହ ୪ ଜଣ ଥିବା ଗାଡି(ଯାହାକି ସଂଲଗ୍ନ-୨ ରେ ଦିଆଯାଇଥିବା ସର୍ତ୍ତାବଳୀ ସହ ଖାପ ଖାଉଥିବ) ୧୨ ମାସ ପାଇଁ (ତା.୦୧.୦୪.୨୦୨୧ ଠାରୁ ତା.୩୧.୦୩.୨୦୨୨) ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବରଗଡଙ୍କ କାର୍ଯ୍ୟାଳୟ ଦ୍ୱାରା ଆହ୍ୱାନ କରାଯାଉଛି ।

୧. ବାହନଟି ରାସ୍ତାରେ ଗଡିବା ଉପଯୋଗୀ ହୋଇଥିବ, ପଞ୍ଜିକୃତ ହୋଇଥିବା ଦିନଠୁ ୩ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ, ବାହନର ବୈଧ ପଞ୍ଜିକରଣ ପ୍ରମାଣ ପତ୍ର, ଫିଟନେସ୍ ପ୍ରମାଣ ପତ୍ର, ବୈଧ ପରିବହନ ପ୍ରମାଣପତ୍ର ଓ ଗାଡିର ପରିବହନ ସକାଶେ ଆବଶ୍ୟକ ଥିବା ବିଭିନ୍ନ ଟିକସ ବାବଦକୁ ଦେୟ ବକେୟା ନଥିବ ।

୨. ବାହନ ଚାଳକର ହାଲୁକା ଯାତ୍ରା ପରିବହନ ନିମନ୍ତେ ବୈଧ ପ୍ରମାଣପତ୍ର ଥିବା ସହ ପରିବହନ ଗାଡି ଚାଳନା କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଥିବା ନିତ୍ୟାନ୍ତ ଆବଶ୍ୟକ ।

୩. ବାହନ ଚାଳକ ଜଣକ ଭଦ୍ର, ନମ୍ର ଓ ଆଜ୍ଞାଧିନ ହେବା ନିତ୍ୟାନ୍ତ ଆବଶ୍ୟକ ।

୪. ଇଚ୍ଛୁକ ବିଡର ଜଣକ ଟ.୫୦୦୦ଙ୍କାର ଏକ ଆକାଉ   ପେଇ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବରଗଡଙ୍କ ନିକଟରେ ସିକ୍ୟୁରିଟି ଜମା ହିସାବରେ ଠିକା ପ୍ରସ୍ତାବ ର କାଗଜପତ୍ର ସହ ଜମା କରିବାକୁ ପଡିବ ।

୫. ଗାଡି ମାସିକ ଭଡା ବାବଦକୁ ଖର୍ଚ୍ଚକୁ ସାଧାରଣ ବିଡ୍ ଜରିଆରେ ଜଣାଇବାକୁ ପଡିବ (ଇନ୍ଧନ ଓ ଲୁବ୍ରିକା  ଖର୍ଚ୍ଚ ଛଡା) ।

୬. ଗାଡିର ଇନ୍ଧନ କ୍ଷମତା ୧୦ କି.ମି. ପ୍ରତି ୧ ଲିଟର ହେବା ଆବଶ୍ୟକ ।

୭. ଗାଡିର ମେକ୍ (Make), ତିଆରି ହୋଇଥିବା ବର୍ଷ, ପଞ୍ଜିକୃତ ନମ୍ବର, ମାଇଲେଜ୍ (କିଲୋମିଟର ପ୍ରତି ଲିଟର), ଗାଡି ଚାଳକଙ୍କ ନାମ, ଡ୍ରାଇଭିଙ୍ଗ ଲାଇସେନ୍ସ ନମ୍ବର ଓ ତା'ର ବୈଧତା ବିଷୟରେ ସବିଶେଷ ବିବରଣୀ ସଂଲଗ୍ନ - ୩ (Annexure-III) ପ୍ରକାରେ ଠିକା ପ୍ରସ୍ତାବ ଓ ବିଡ ଆବେଦନ କରିବା ବେଳେ ପ୍ରଦାନ କରିବେ ।

୮. ସଂପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇ ନିବେଦନ କରାଯାଇଥିବା ଠିକା ପ୍ରସ୍ତାବଟି ନିମ୍ନ ଲିଖିତ ସ୍ୱାକ୍ଷରକାରୀଙ୍କ ଠାରେ ତା.୦୯.୦୩.୨୦୨୧ ଦିନ, ଅପରାହ୍ନ ୧ ଘଟିକା ସମୟରେ କିମ୍ବା ତା'ପୂର୍ବରୁ ଜମା କରିବା ଆବଶ୍ୟକ । ଏବଂ ଠିକା ପ୍ରସ୍ତାବ ଗୁଡିକ ବିଡର୍ କିମ୍ବା ତାଙ୍କ ନିର୍ଦ୍ଧାରିତ ସହଯୋଗୀଙ୍କ ଉପସ୍ଥିତିରେ ସେହିଦିନ ଅପରାହ୍ନ ୩ ଘଟିକା ସମୟରେ ଖୋଲାଯିବ ।

୯. ଠିକା ପ୍ରସ୍ତାବ ପୂରଣପାଇଁ ଆବଶ୍ୟକ ହେଉଥିବା ଫର୍ମ, ବିଡ୍ ଓ ଗାଡି ଖର୍ଚ୍ଚ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବରଗଡଙ୍କ କାର୍ଯ୍ୟାଳୟ ଠାରେ ଟ.୧୦୦ଙ୍କା (ପ୍ରତି ଗାଡି ପାଇଁ) ଅପରାହ୍ନ ୧୦ ଘଟିକା ଠାରୁ ସନ୍ଧ୍ୟା ୫.୩୦ ମି. ମଧ୍ୟରେ ଜମା କରି ପ୍ରାପ୍ତ କରନ୍ତୁ । ଅନ୍ୟ ପ୍ରକାରେ, ପ୍ରତ୍ୟେକ କାର୍ଯ୍ୟ ଦିବସରେ ଜିଲ୍ଲାର Website www.bargarh.nic.in ଜରୀଆରେ ତା.୧୫.୦୨.୨୦୨୧ ଠାରୁ ତା.୦୯.୦୩.୨୦୨୧ ମଧ୍ୟରେ ଫର୍ମ ଡାଉନଲୋଡ୍ (Download) କରିପାରିବେ । ଏହିପରି ଭାବେ ସରକାରୀ  Website ରୁ ଡାଉନଲୋଡ୍ କରାଯାଇଥିବା ନିବେଦନ ଫର୍ମ ସହ ଟ.୧୦୦ଙ୍କାର ଡିମାଣ୍ଡ ଡ୍ରାଫ୍ଟ (Demand Draft) ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବରଗଡଙ୍କ କାର୍ଯ୍ୟାଳୟରେ  ଫର୍ମ ବାବଦକୁ ଜମା କରିବେ ।

୧୦. ଏହା ସହିତ ଜଡିତ କୌଣସି ସମସ୍ୟା ପାଇଁ ବରଗଡ ଜିଲ୍ଲା କୋର୍ଟ ସହ ଯୋଗାଯୋଗ କରାଯାଇପାରିବ ।

15.2.2021

ଅ.ପ୍ର.ଦେ.

Chief Dist. Vety. Officer
BARGARH

୧୧. ଏଥିସହ, ବିନା ନିର୍ଦ୍ଦେଶନାମାରେ ଠିକା ପ୍ରସ୍ତାବର ରଦ୍ଦ କରିବାର ଅଧିକାର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବରଗଡଙ୍କର ରହିଛି ।

ସଂଯୁକ୍ତ - ସଂଲଗ୍ନ ୨ ଓ ୩

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ବରଗଡ଼

ଜ୍ଞାପକ ସଂଖ୍ୟା-୩୧୫ ତାରିଖ-୧୫.୦୨.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ବରଗଡ଼/ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ବରଗଡ଼/ ଉପ-ଜିଲ୍ଲାପାଳ, ବରଗଡ଼ /ଆ  ଳିକ ପରିବହନ ଅଧିକାରୀ, ବରଗଡ଼ /ଜାତୀୟ ସୁଚନା କେନ୍ଦ୍ର, ବରଗଡ଼ଙ୍କ ସୁଚନା ଫଳକରେ ପ୍ରକାଶିତ ହେଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ବରଗଡ଼

ଜ୍ଞାପକ ସଂଖ୍ୟା-୩୧୬ ତାରିଖ-୧୫.୦୨.୨୦୨୧

ଏହାର ଏକକିତା ନକଲ ନିର୍ଦ୍ଦେଶକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ବରଗଡ଼

ସଂଲଗ୍ନ-୨

## ଭ୍ରାମ୍ୟମାଣ ଗାଡି ଠିକା ସମ୍ବନ୍ଧୀୟ ତଥ୍ୟାବଳୀ

ମାସିକ ଭଡା ଚୁକ୍ତି ଭି  ରେ ନିଜର ଗାଡି ପ୍ରଦାନ କରିବା ପାଇଁ ନିମ୍ନ ଲିଖିତ ସ  ବଳୀ ଗୁଡିକ ପୂରଣ କରିବା ପାଇଁ ଜଣେ ସଫଳ ଠିକା ଆବେଦନକାରୀ (ବିଡର) ବାଧ୍ୟ ଅଟନ୍ତି ।

୧. ଗୋଟିଏ ଠିକା ଭି  କ ଗାଡି ପାଇଁ ଆବଶ୍ୟକ ଥିବା କାଗଜପତ୍ର ଯଥା – ବୈଧ ପଞ୍ଜିକରଣ ପ୍ରମାଣପତ୍ର, ଗାଡି ବିମା ପ୍ରମାଣପତ୍ର, ଫିଟନେସ ପ୍ରମାଣପତ୍ର, ବୈଧ ପରିବହନ ପ୍ରମାଣପତ୍ର, ଟିକସ ପୈଠ ପ୍ରମାଣପତ୍ର ସହ ଚାଳକଙ୍କ ଗାଡି ଚାଳନା ପ୍ରମାଣପତ୍ର (Driving Licence) ସଦା ସର୍ବଦା ହାତରେ ଥିବା ଉଚିତ । ଗାଡିଟିର ଯେ କୌଣସି ଭଙ୍ଗାରୁଜା / ହଜିଯିବା କିମ୍ବା ଯେ କୌଣସି ବାହକର ଜୀବନ ହାନି/ଖଣ୍ଡିଆ ଖାବରା ହେବା କିମ୍ବା ଗାଡି ଆଘାତ ଦ୍ୱାରା ସୃଷ୍ଟ ଯେ କୌଣସି କ୍ଷତ ଓ କ୍ଷୟ କ୍ଷତି ପାଇଁ ଏହି ବିଭାଗ ବା କାର୍ଯ୍ୟାଳୟ ଦାୟୀ ରହିବ ନାହିଁ । ଗାଡି ମାଲିକ (Hirer) ଏ ସମସ୍ତ ପ୍ରକାର କ୍ଷୟ କ୍ଷତି ପାଇଁ ଉ  ର ଦାୟୀ ରହିବେ ।

୨. ଗାଡିର ଭଡା ମାସିକିଆ ହିସାବରେ ପ୍ରଦାନ କରାଯିବ । କିନ୍ତୁ, ଏହି ଖର୍ଚ୍ଚ ଭିତରେ ଇନ୍ଧନ ଖର୍ଚ୍ଚ ସଂଲଗ୍ନ କରାଯାଇନାହିଁ, ଯାହାକି ସତନ୍ତ୍ର ଭାବରେ ଇନ୍ଧନ ବ୍ୟବହାର ଓ ଲୁବ୍ରିକାଣ୍ଟ ବ୍ୟବହାର ସହ ସରକାରୀ ନିୟମ ପ୍ରକାରେ ଲାଗୁହେବ । ଗାଡିର ଯାବତୀୟ ଖର୍ଚ୍ଚ ଯଥା- ମରାମତି, ସ୍ପେୟାର ପାର୍ଟ ବଦଳ, ଇଞ୍ଜିନ ଓ ଗିଅର୍ ବକ୍ସ ଏବଂ ଅନ୍ୟାନ୍ୟ ଶୀତଳୀକରଣ ଯନ୍ତ୍ର ପାଇଁ ବ୍ୟବହୃତ ତେଲ (Lubricant), ଟାୟାର ଟ୍ୟୁବ୍, ବ୍ୟାଟେରୀ ଇତ୍ୟାଦି ସମସ୍ତ ଖର୍ଚ୍ଚ ବିଡରଙ୍କ (ଗାଡି ମାଲିକ) ଦ୍ୱାରା ବହନ କରାଯିବ ।

୩. ବିଡର, ଜଣେ ଦକ୍ଷ ଗାଡି ଚାଳକ ଦେବା ସହ ତାଙ୍କର ମାସିକ ଦରମା ବହନ କରିବେ ।

୪. ଗାଡିର ଅଚଳାବସ୍ଥା ସମୟରେ ସେହି ମୋଡେଲର ଗାଡି କିମ୍ବା ତା'ଠାରୁ ଉନ୍ନତ ମଡେଲର ଗାଡି ବିଡରଙ୍କ ଦ୍ୱାରା ଯୋଗାଇ ଦିଆଯିବ ।

୫. ଯଦି, ଗାଡି ନିୟମିତ ଭାବେ କାମରେ ଯୋଗଦାନ ନକରେ, ତେବେ ବିଭାଗୀୟ ମୁଖ୍ୟ ଅଧିକାରୀ ଗାଡିଟିର ଚୁକ୍ତିକୁ ଅବୈଧ ଘୋଷଣା କରିବା ସହ ଅନ୍ୟ ସୂତ୍ରରୁ ଅନ୍ୟ ଏକ ଗାଡି ନିୟୋଜିତ କରିପାରିବେ ।

୬. ମାସିକ ଅତି କମରେ ୨୫ ଦିନ ଗାଡିଟି କାର୍ଯ୍ୟରେ ଯୋଗଦାନ କରିବ ।

୭. ଜରୁରୀ କାଳୀନ ପରିସ୍ଥିତିରେ, ଗାଡି ଚାଳକ ଯେ କୌଣସି ମୁହୂର୍ତ୍ତରେ କାର୍ଯ୍ୟରେ ଯୋଗଦାନ ଦେବା ଜରୁରୀ ଅଟେ । ଏବଂ ଏହା ପାଇଁ ଅତିରିକ୍ତ ପାଉଣା ଗାଡି ଚାଳକ ଦାବୀ କରିପାରିବେ ନାହିଁ ।

୮. ବିଡରଙ୍କ ଦ୍ୱାରା ପୂର୍ବ ମାସର ବିଲ୍ ପୈଠ କରିବାର ୧୫ ଦିନ ମଧ୍ୟରେ ଗାଡିର ଭଡା ଓ ଜାଳେଣି (ନୈତିକ୍ ମାତ୍ରାରେ) ବାବଦରେ ସମସ୍ତ ବିଲ ବିଡରଙ୍କୁ ପ୍ରଦାନ କରାଯିବ । ଏଥିପାଇଁ ବିଡରଙ୍କୁ କୌଣସି ଅଗ୍ରିମ ପୈଠ କରାଯିବ ନାହିଁ ।

୯. ଗାଡି ଚୁକ୍ତିନାମା ସମୟରେ, ଗାଡିଟି ଭଲ ଅବସ୍ଥାରେ ଥିବା ଜରୁରୀ ଏବଂ ମୂଳ ପଞ୍ଜିକରଣ ତାରିଖରୁ ୩ ବର୍ଷରୁ ଅଧିକ ହୋଇନଥିବ ।

୧୦. ଗାଡିର ସେବା ସନ୍ତୋଷ ଜନକ ନ ହେଲେ, ଏକ ମାସର ନିର୍ଦ୍ଦେଶନାମା (Notice) ଦେବା ପରେ, ଗାଡିର ଚୁକ୍ତିକୁ ବାତିଲ କରାଯାଇପାରିବ ।

୧୧. ଯଦି, ଗାଡି ମାଲିକ ନିଜ ଗାଡିକୁ ସେବା ନିବୃତ କରିବାକୁ ଚାହେଁ ଏବଂ ଗାଡିର ଚୁକ୍ତିକୁ ବାତିଲ କରିବାକୁ ଚାହିଁବେ, ତେବେ ୧ ମାସ ପୂର୍ବରୁ ସେ ନିଜ ଆଡୁ ଲିଖିତ ଭାବେ ଜଣାଇବେ ।

୧୨. ଯଦି, ଗାଡି ମାଲିକ ଚୁକ୍ତିନାମାରେ ଯେ କୌଣସି ନିୟମାବଳୀର ବ୍ୟତିକ୍ରମ କରନ୍ତି ତେବେ ସରକାର ତାଙ୍କର ସମସ୍ତ ପ୍ରାପ୍ୟ କୁ ବ୍ୟାଯାପ୍ତି (Forfit) କରିପାରିବେ ।

୧୩. ଗାଡିର ମାସିକ ଭଡା ଜି.ଏସ୍.ଟି. (GST) ସହ ସର୍ବୋଚ୍ଚ ଟ. ୩୦୦୦୦ଙ୍କା ରଖାଯାଇଛି । ଗାଡି ମାଲିକ ଗାଡିର ଭଡା ଓ ଜି.ଏସ୍.ଟି. ପ୍ରାପ୍ୟ ପୃଥକ ଭାବରେ ଆବେଦନ କରିବେ ।

୧୪. MVU Guideline (2020-21) ପ୍ରକାରେ ଠିକା ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି । ଯଦି ଉପରୋକ୍ତ MVU Guideline (2021-22) ରେ କିଛି ବ୍ୟତିକ୍ରମ ଘଟେ, ତେବେ ସର୍ବନିମ୍ନ ଠିକାମୂଲ୍ୟ କୁ ବିଚାରକୁ ନିଆଯିବ ।

ଡା ଭୁବନ ବିହାରୀ ସାହୁ

ଠିକା/ଟେଣ୍ଡର ଆବାହକ ଅଧିକାରୀ ସାକ୍ଷର

Chief Dist. Vety. Officer
BARGARH

## ସଂଲଗ୍ନ - ୩ (Annexure-III)

ଭ୍ରାମ୍ୟମାଣ ବାହନ ଠିକା ସମ୍ବନ୍ଧୀୟ ସାଧାରଣ ତଥ୍ୟାବଳୀ (ଅମ୍ବାଭୋନା, ଅତାବିରା, ବରଗଡ, ବରପାଲି, ଭଟଲି, ଭେଡେନ, ବିଜେପୁର, ଗାଇସିଲାଟ, ଝାରବନ୍ଧ, ପଦ୍ମପୁର, ପାଇକମାଲ ଓ ସୋହେଲା)

୧. ଠିକା ପ୍ରସ୍ତାବ ଦିଆଯାଉଥିବା ବ୍ଲକ୍‌ର ନାମ –

୨. ବାହନର ପଞ୍ଜିକୃତ ନମ୍ବର -

୩. ବାହନର ପ୍ରକାର ଭେଦ (ଶୀତତାପ ନିୟନ୍ତ୍ରିତ/ ଶୀତତାପ ନିୟନ୍ତ୍ରିତ ବିହୀନ) –

୪. ବାହନର ପ୍ରସ୍ତୁତି ତାରିଖ –

୫. ପ୍ରକାର ଭେଦ (ମୋଡେଲ) -

୬. ପଞ୍ଜିକରଣ ତାରିଖ –

୭. ବାହନ ମାଲିକଙ୍କ ସମ୍ପୂର୍ଣ୍ଣ ନାମ ଓ ଠିକଣା –

୮. ଫିଟନେସ୍ (Fitness) ପ୍ରମାଣ ପତ୍ରର ବୈଧତା –

୯. ପରମିଟ୍ ର ବୈଧତା -

୧୦. ଗାଡି ବୀମାର ବୈଧତା –

୧୧. ବାହନ ଚାଳକଙ୍କ ନାମ ଓ ଠିକଣା –

୧୨. ବାହନ ଚାଳକଙ୍କ ଗାଡି ଚାଳନା ପ୍ରମାଣ ପତ୍ର ଏବଂ ବୈଧତା(DL no. & validity) –

୧୩. ପ୍ରସ୍ତାବିତ ଗାଡିର ମାସିକିଆ ଭଡା (ଇନ୍ଧନ ମୂଲ୍ୟ ବାଦ୍)-

୧୪. କିଲୋମିଟର ପ୍ରତି ଇନ୍ଧନ ଖର୍ଚ୍ଚ (Milage per liter) –

୧୫. ବିଡରଙ୍କ ପଞ୍ଜିକୃତ ଜି.ଏସ୍.ଟି. (G.S.T.) ନମ୍ବର (ବାଧ୍ୟତାମୂଳକ) –

୧୬. ଠିକା ପ୍ରସ୍ତାବ ଆବେଦନକାରୀଙ୍କ ମୋବାଇଲ ନମ୍ବର/ଯୋଗାଯୋଗ ନମ୍ବର –

ଉପରୋକ୍ତ ଘୋଷଣାନାମାରେ ଦିଆଯାଇଥିବା ତଥ୍ୟବଳୀ ସମ୍ପୂର୍ଣ୍ଣ ଭାବେ ସତ୍ୟ ଅଟେ ବୋଲି ମୋର ସମ୍ପୂର୍ଣ୍ଣ ବିଶ୍ୱାସ।

ଦ୍ରଷ୍ଟବ୍ୟ – ୧. ଉପରୋକ୍ତ ସମସ୍ତ ଆବଶ୍ୟକୀୟ କାଗଜ ପତ୍ର ଏକ ବନ୍ଦ ଲଫାପାରେ ଦିଆଯିବ।

୨. ପ୍ରତ୍ୟେକ ବାହନ ପାଇଁ ପୃଥକ ଭାବରେ ଆବଶ୍ୟକୀୟ କାଗଜପତ୍ର (Documents) Annexure-III ସହ ସଂଯୁକ୍ତ କରିବେ।

ଠିକା ପ୍ରସ୍ତାବ ଆବେଦନକାରୀଙ୍କ
ମୋହର ସହ ଦସ୍ତଖତ